୯୦ ବର୍ଷ କାଳ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଜ୍ୟୋତିଃଭାସ୍କର ପଣ୍ଡିତ ଶ୍ରୀ କୃଷ୍ଣ ପ୍ରସାଦ ଖଡ଼ୀରତ୍ନ ଗଣିତରତ୍ନଙ୍କ ଦ୍ୱାରା ଗଣିତ

# କୋହେନୂର ପ୍ରେସ୍ ସଂକ୍ଷେପ ପଞ୍ଜିକା

ଜେଲ୍ ରୋଡ଼, ଦରଘା ବଜାର, କଟକ - ୭୫୩୦୦୧, ଫୋନ — ୦୬୭୧-୨୨୦୩୬୮୪

| | |
|---|---|
| ସ୍ୱାଧୀନତାବ୍ଦାଃ | ୭୮ |
| ଶକାବ୍ଦାଃ | ୧୯୪୭ |
| ସମ୍ବତ୍ | ୨୦୮୨ |
| ଦିଲ୍ଲୀଶ୍ୱରାବ୍ଦାଃ | ୧୪୩୨ |
| କଳ୍ୟାତୀତାବ୍ଦାଃ | ୫୧୨୬ |

## ଜୁନ୍ ୨୦୨୫
## JUNE 2025

ସିଦ୍ଧାର୍ଥ ସମ୍ବତ୍ସର ବୃଷ (ଜ୍ୟେଷ୍ଠ) ଦି୧୮ନ ଠାରୁ ମିଥୁନ (ଆଷାଢ଼) ଦି୧୬ନ ପର୍ଯ୍ୟନ୍ତ

| ସୂର୍ଯ୍ୟୋଦୟ(IST) | ସୂର୍ଯ୍ୟାସ୍ତ |
|---|---|
| ତା୧ –ଘ୫।୧୦ | ଘ୬।୧୮ |
| ତା୧୦–ଘ୫।୧୦ | ଘ୬।୨୧ |
| ତା୨୦–ଘ୫।୧୨ | ଘ୬।୨୩ |
| ତା୩୦–ଘ୫।୧୪ | ଘ୬।୨୫ |

| | | | | | |
|---|---|---|---|---|---|
| ରବି SUN | ୧ ବୃଷ ଦି୧୮ନ ଷଷ୍ଠୀ ଅଶ୍ଳେଷା କର୍କଟ | ୮ ୨୫ ଦ୍ୱାଦଶୀ ମଳ ସ୍ୱାତୀ ତୁଳା | ୧୫ ମିଥୁନ ଦି୧ନ ଚତୁର୍ଥୀ ଶ୍ରବଣା ମକର | ୨୨ ୮ ଦ୍ୱାଦଶୀ ଦ୍ୱିଜା ମେଷ | ୨୯ ୧୫ ଚତୁର୍ଥୀ ଅଶ୍ଳେଷା କର୍କଟ |
| ସୋମ MON | ୨ ୧୯ ସପ୍ତମୀ ମଘା ସିଂହ | ୯ ୨୬ ତ୍ରୟୋଦଶୀ ବିଶାଖା ତୁଳା | ୧୬ ୨ ପଞ୍ଚମୀ ଧନିଷ୍ଠା ମକର | ୨୩ ୯ ତ୍ରୟୋଦଶୀ କୃତ୍ତିକା ବୃଷ | ୩୦ ୧୬ ପଞ୍ଚମୀ ମଘା ସିଂହ |
| ମଙ୍ଗଳ TUE | ୩ ୨୦ ଅଷ୍ଟମୀ ପୂର୍ବାଫା ସିଂହ | ୧୦ ୨୭ ଚତୁର୍ଦ୍ଦଶୀ ଅନୁରାଧା ବିଛା | ୧୭ ୩ ଷଷ୍ଠୀ ଶତଭିଷା କୁମ୍ଭ | ୨୪ ୧୦ ଚତୁର୍ଦ୍ଦଶୀ ରୋହିଣୀ ବୃଷ | |
| ବୁଧ WED | ୪ ୨୧ ନବମୀ ଉତ୍ତରାଫା ସିଂହ | ପୂର୍ଣ୍ଣିମା ୧୧ ୨୮ ଜ୍ୟେଷ୍ଠା ବିଛା | ୧୮ ୪ ସପ୍ତମୀ ପୂର୍ବାଭାଦ୍ର କୁମ୍ଭ | ଅମାବାସ୍ୟା ୨୫ ୧୧ ମୃଗଶିରା ମିଥୁନ | |
| ଗୁରୁ THU | ୫ ୨୨ଦଶମୀ ହସ୍ତା କନ୍ୟା | ୧୨ ୨୯ ପ୍ରତିପଦ ମୂଳା ଧନୁ | ୧୯ ୫ ଅଷ୍ଟମୀ ଉତ୍ତରାଭାଦ୍ର ମୀନ | ୨୬ ୧୨ ପ୍ରତିପଦ ଆର୍ଦ୍ରା ମିଥୁନ | |
| ଶୁକ୍ର FRI | ଏକାଦଶୀ ୬ ୨୩ ହସ୍ତା କନ୍ୟା | ୧୩ ୩୦ ଦ୍ୱିତୀୟା ପୂର୍ବାଷାଢ଼ା ଧନୁ | ୨୦ ୬ ନବମୀ ରେବତୀ ମୀନ | ୨୭ ୧୩ ଦ୍ୱିତୀୟା ପୁନର୍ବସୁ କର୍କଟ | |
| ଶନି SAT | ୭ ୨୪ ଦ୍ୱାଦଶୀ ଚିତ୍ରା ତୁଳା | ୧୪ ୩୧ ତୃତୀୟା ଉତ୍ତରାଷାଢ଼ା ଧନୁ | ଏକାଦଶୀ ୨୧ ୭ ଦଶମୀ ଏକାଦଶୀକ୍ଷଃ ଅଶ୍ୱିନୀ ମେଷ | ୨୮ ୧୪ ତୃତୀୟା ପୁଷ୍ୟା କର୍କଟ | |

ବିଂଶୋତ୍ତରୀ ମତେ ଆୟ ବ୍ୟୟ — ମେଷ – ୧୪-୪, ବୃଷ – ୮ – ୭, ମିଥୁନ – ୧୪-୬, କର୍କଟ – ୮ – ୫, ସିଂହ – ୧୧-୪, କନ୍ୟା – ୧୪-୬, ତୁଳା – ୮-୭, ବିଛା – ୧୪-୪, ଧନୁ – ୧୧ – ୬, ମକର–୫ – ୭, କୁମ୍ଭ – ୫-୭, ମୀନ – ୧୧-୬।

## ପର୍ବଦିନ

- ତା୧ **ଶୀତଳ ଷଷ୍ଠୀ, ଶ୍ରୀମନ୍ଦିରେ ଜଳକ୍ରୀଡ଼ା**
- ତା୫ ଗଙ୍ଗା ଦଶହରା ଓ **ସୁଦଶା ବ୍ରତ**
- ତା୬ **ରୁକ୍ମିଣୀ ବିବାହ,** ନିର୍ଜଳା ଏକାଦଶୀ ଉପବାସ ଓ ହଳ ନିଷେଧ
- ତା୭ ଚମ୍ପକ ଦ୍ୱାଦଶୀ, **ଉଦ୍ଭୁକ୍ତା**
- ତା୯ ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
- ତା୧୦ ପୂର୍ଣ୍ଣିମାର ଚନ୍ଦ୍ରପୂଜା
- **ତା୧୧ ଦେବସ୍ନାନ ପୂର୍ଣ୍ଣିମା,** ଅନବସର ଆରମ୍ଭ
- ତା୧୨ ଅଲାରନାଥଙ୍କ ଦର୍ଶନ ଆରମ୍ଭ
- ତା ୧୪ **ପ୍ରଥମ ରଜ,** ଶରଣ ଆରମ୍ଭ, ମାସାନ୍ତ
- **ତା୧୫ ମିଥୁନ (ରଜ) ସଂକ୍ରାନ୍ତି** ଓ ହ.ନି.
- ତା୧୬ ଭୂଦାହ, ଅଣସର ପଞ୍ଚମୀ
- **ତା୧୭ ବସୁମତୀ ସ୍ନାନ**
- ତା୧୮ ଶରଣ ଶେଷ
- ତା୨୧ ଅଣସର ଦଶମୀ, ଖଳିଲାଗି ଏକାଦଶୀ ଓ ହଳ ନିଷେଧ
- ତା୨୨ ଅଣସର ଦ୍ୱାଦଶୀ, ପଠାଣି ସାମନ୍ତଙ୍କ ତିରୋଧାନ ଦିବସ।
- ତା୨୩ ଅଣସର ତ୍ରୟୋଦଶୀ
- ତା୨୪ ଶିବ ଚତୁର୍ଦ୍ଦଶୀ ଓ ବେଢ଼ା
- ତା୨୫ ଅମାବାସ୍ୟା ଓ ହଳନିଷେଧ
- ତା୨୬ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ଉଭାଯାତ୍ରା, ଚନ୍ଦ୍ର ଦର୍ଶନ ଓ ପୂଜା
- ତା୨୭ **ଶ୍ରୀଗୁଣ୍ଡିଚା (ରଥଯାତ୍ରା)**

ବିବାହ–ତା୨।୪।୫।୬।୭।୮

ଶୁଭ ଦିନ ନିର୍ଘଣ୍ଟ ଓଡ଼ିଶା କୋହେନୁର ପ୍ରେସ୍ ପଞ୍ଜିକାରୁ ମିଳାଇ ନିଅନ୍ତୁ।

"ଦୀର୍ଘ ସାତ ପୁରୁଷ ଧରି ବୈଦ୍ୟ ପରମ୍ପରାରେ ସଫଳ ଚିକିତ୍ସା"

ବିବାହ ପୂର୍ବରୁ ବା ପରେ ଗୁପ୍ତରୋଗ ହେତୁ ଧାତୁ ପତଳା, ସ୍ୱପ୍ନଦୋଷ, ଶୁକ୍ରକୀଟ କମିବା, ସହବାସରେ ସମସ୍ୟା, ଶୀଘ୍ର ପତନ, ହାଲିଆ ଲାଗିବା, ପରିସ୍ରାରେ ଧାତୁ ପଡ଼ିବା, ପେଟ ଗରମ, ହଳଦିଆ ପରିସ୍ରା ଆଦି ରୋଗୀ ସାକ୍ଷାତ କରନ୍ତୁ। Website : www.baidyarajclinic.com

ବି.ଦ୍ର.:-ଯେଉଁମାନଙ୍କର ପିଲା ଛୁଆ ହେଉ ନାହିଁ ସ୍ତ୍ରୀ ଓ ପୁରୁଷ ନିଶ୍ଚିତ ସାକ୍ଷାତ କରନ୍ତୁ।

ବୈଦ୍ୟରାଜ ଡ଼ା.ଉମାଶଙ୍କର ଦାଶ, 9437022896

ବୈଦ୍ୟରାଜ କ୍ଲିନିକ୍

ବାଦାମବାଡ଼ି ଟ୍ରାଫିକ୍ ଛକରୁ ବାମହାତି ଅହ୍ଲବାଟ ଆସିଲେ, ଆମ କ୍ଲିନିକ୍ – ରାଜାବଗିଚା ଗଡ଼୍ଡା, କାନାରା ବ୍ୟାଙ୍କ ବିଲ୍ଡ଼ିଂ, କଟକ-୯

☎9861222896

**ବୈଦ୍ୟରାଜ ଉମାଶଙ୍କର ଦାଶ (BAMS)**

**ଅର୍ଶ ରୋଗ(Piles) ?** – ମଳ ଦ୍ୱାରରେ ବାରମ୍ବାର ପୀଡ଼ା ହେବା, ବେଳେବେଳେ ପୀଡ଼ା ସହ ଜ୍ୱଳନ ହୁଏ, ରୋଗୀ ଠିକ୍ ଭାବେ ବସି ଉଠିପାରେ ନାହିଁ, ମଳତ୍ୟାଗ ସମୟରେ କଷ୍ଟ ବଢ଼ିଯାଏ, ମଳ ସହ ରକ୍ତ ଆସିପାରେ। ମଳ ଦ୍ୱାରରେ ମାଂସ ବଢ଼ିଥାଏ। ଏପରି ସ୍ଥଳେ ଡେରି ନ କରି ସାକ୍ଷାତ କରନ୍ତୁ। ଦୂରରେ ରହୁଥିବା ରୋଗୀ ଫୋନ ଦ୍ୱାରା ଯୋଗାଯୋଗ କରି ଡାକ ଯୋଗେ ଔଷଧ ମଗାଇ ଆରୋଗ୍ୟ ହୁଅନ୍ତୁ। **ନାରୀମାନଙ୍କର ପ୍ରଦର ରୋଗ** – ଧଳାସ୍ରାବ, ଅନିୟମିତ ରତୁସ୍ରାବ, ମାସିକ ସମୟରେ ପେଟ ପୀଡ଼ା, ଗୋଡ଼ ହାତ ପୀଡ଼ା, ଭୋକ ହଜମ ଶକ୍ତି କମିଯିବା, ଶାରୀରିକ ଦୁର୍ବଳତା, ଧଳା ଓ ଚାଉଳ ଧୂଆଁ ପାଣି ପରି ସ୍ରାବ, ଅଣ୍ଟା ଧରିବା ଏପରି ଅନେକ ଗୁଡ଼ିଏ ସମସ୍ୟା ପାଇଁ ସାକ୍ଷାତ କରନ୍ତୁ କିମ୍ବା ଟେଲିଫୋନରେ ଯୋଗାଯୋଗ କରି ଔଷଧ ମଗାଇ ସେବନ କରନ୍ତୁ। ଆମ ପ୍ରସ୍ତୁତ ଔଷଧ ଦ୍ୱାରା ନାରୀର ଯାବତୀୟ ରତୁ ସମ୍ବନ୍ଧୀୟ ଓ ପ୍ରଦାରଦି ଆରୋଗ୍ୟ ହୋଇ ସ୍ୱାସ୍ଥ୍ୟରେ ସୁନ୍ଦର ପରିବର୍ତ୍ତନ ଆସେ। **ଅମୃତ ତୁଲ୍ୟ ଫଳପ୍ରଦ ଔଷଧ ଦିଆଯାଏ। ☎9437022896**

**ବୈଦ୍ୟରାଜ**
**✚ କ୍ଲିନିକ୍ ✚**

ବାଦାମବାଡ଼ି ଟ୍ରାଫିକ୍ ଛକରୁ ବାମହାତି ଅନ୍ଧବାଟ ଆସିଲେ ଆମ କ୍ଲିନିକ୍ – ରାଜାବଗିଚା ଗଡ଼ା, କାନାରା ବ୍ୟାଙ୍କ, ବିଲ୍ଡିଂ, କଟକ-୯
☎9861222896

odiacalendar.org.in

# ସନ ୨୦୨୫ ମସିହା ଜୁନ୍ ମାସର ବାର ରାଶିଫଳ

**ମେଷ** – ସାମାଜିକ କ୍ଷେତ୍ରରେ ନିଜର ପ୍ରତିଷ୍ଠା ପ୍ରତିପତ୍ତି ବୃଦ୍ଧି ପାଇବ। ଶତ୍ରୁନାଶ, ଋଣନାଶ ଓ ପୁରାତନ ରୋଗପୀଡ଼ାର ଉପଶମ ହୋଇ ଶାରିରୀକ ସୁସ୍ଥତା ଦେଖା ଦେବା ସହ ମାନସିକ ଶାନ୍ତି ମିଳିବ। ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷାରେ ସମ୍ମାନିତ ହେବେ ଓ ବ୍ୟବସାୟରେ ଆର୍ଥିକସ୍ଥିତି ସୁଦୃଢ଼ ହେବ। ନୂଆ ଜ୍ଞାନର ବୃଦ୍ଧି ହେତୁ ପ୍ରଚୁର ଧନଲାଭ ହେବ ଓ ବନ୍ଧୁମିତ୍ର ମାନଙ୍କ ଠାରୁ ପୂର୍ଣ୍ଣ ସହଯୋଗ ପାଇବେ। ସହକର୍ମୀ ଓ ଉପରିସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବାସହ କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇବେ। ଇଚ୍ଛାଶକ୍ତି ପ୍ରବଳ ମାତ୍ରାରେ ଜାଗ୍ରତ ହେବା ଫଳରେ ଅର୍ଥର ସମ୍ୟକ ବୃଦ୍ଧି ହେବ। ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା ସମସ୍ତବାଧା ବିଘ୍ନକୁ ଅତିକ୍ରମ କରି ଆଗକୁ ବଢ଼ି ପାରିବେ। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ସିନ୍ଦୁର ଟିକେ ମୁଣ୍ଡରେ ଲଗେଇ ଦିଅନ୍ତୁ।

**ବୃଷ** – ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀ ଓ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁ ସମ୍ପର୍କ ଫଳରେ କର୍ମୋନ୍ନତି ହେବ। କଳା, ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ଜୟଯୁକ୍ତ ହେବେ। ଶତ୍ରୁହାନୀ, ଋଣପ୍ରାପ୍ତି, କର୍ମତତ୍ପର, ମାଲିମୋକଦ୍ଦମାରେ ଜୟ, ଲୋକ ସମ୍ପର୍କ ବୃଦ୍ଧିହେବ। ନୂତନ କାର୍ଯ୍ୟାରମ୍ଭ, ଉଚ୍ଚପ୍ରଶଂସା ଲାଭ ସାହସୀ ଓ ଦୃଢ଼ ସଂକଳ୍ପ ଫଳରେ ଲାଭବାନ ହେବେ। ଶିକ୍ଷାକ୍ଷେତ୍ରରେ ଚଳଚଞ୍ଚଳ ହୋଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା କରିବେ। ସରକାରୀ ଚାପ ପଡିଲେ ମଧ୍ୟ ରାଜନୀତି କ୍ଷେତ୍ରରେ କୂଟନୀତି ପ୍ରୟୋଗ କରି ପ୍ରଶଂସିତ ହେବେ। ପରିବାରରେ ସୁଖଦାୟକ ବାତାବରଣ ଦେଖାଦେବ। ସୁଖ ସମୃଦ୍ଧି ବୃଦ୍ଧିହେବା ସହ ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଜମି ବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହୋଇପାରେ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ମିଥୁନ** – ସ୍ୱାସ୍ଥ୍ୟରେ ଉନ୍ନତି ହେବ। ବ୍ୟବସାୟରେ ପୂର୍ବ ଶତ୍ରୁମାନେ ପଛଘୁଞ୍ଚା ଦେବା ଫଳରେ ପୂର୍ଣ୍ଣ ସଫଳତା ପାଇବେ। ଦୂର ଯାତ୍ରାରେ ଲାଭବାନ ହେବେ। ଧନ ଲାଭର ମାର୍ଗ ଖୋଲିଯିବ। ନୂତନକର୍ମ ସଂସ୍ଥାରେ ନିଯୁକ୍ତି ପାଇବାର ଯୋଗ ରହିଛି। କର୍ମକ୍ଷେତ୍ରରେ ଉନ୍ନତି କରିବା ସହ ସାମାଜିକ ପ୍ରତିଷ୍ଠା ମାନ ସମ୍ମାନବୃଦ୍ଧି ହେବ। ଶିକ୍ଷା କ୍ଷେତ୍ରରେ ଯାତ୍ରାରେ ସଫଳ ହେବେ। ପ୍ରେମ କ୍ଷେତ୍ରରେ ଆତ୍ମନିୟନ୍ତ୍ରଣ କରିବା ଶିଖିବେ। ଧାର୍ମିକ କାର୍ଯ୍ୟରେ ରୁଚି ବୃଦ୍ଧି ହେବ। ନୂତନ କାରବାରରେ ସଫଳତା ମିଳିବ ଓ ଖାଦ୍ୟ ବ୍ୟବସାୟୀମାନେ ପ୍ରଚୁର ଲାଭ କରିବେ। ରାଜନୀତିରେ ପ୍ରଶଂସିତ ହେବେ। ବାଦବିବାଦ, ପରୀକ୍ଷା, ପ୍ରତିଯୋଗିତା, ମାଲିମକଦ୍ଦମା ଓ ସାକ୍ଷାତ୍କାରରେ ବିଜୟୀ ହେବେ। ଅନେକ ସମସ୍ୟା ଦୂର ହୋଇ ଉଚ୍ଚ ଆଶାରେ ଆଗେଇବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**କର୍କଟ** – ଚିତ୍ତ ପ୍ରଶନ୍ନ ଯୋଗେ କାର୍ଯ୍ୟ ସିଦ୍ଧି ହେବ। ନୂତନ ବ୍ୟବସାୟ ଯୋଜନାର ଶିଳାନ୍ୟାସ କଲେ, ତାହା ଦୀର୍ଘ ସ୍ଥାୟୀହେବ ଓ ବହୁବିଧ ଲାଭ ମିଳିବ। କର୍ମକ୍ଷେତ୍ରରେ ଦାୟିତ୍ୱ ବଢ଼ିବା ସହ ମିତ୍ରମାନଙ୍କ ଦ୍ୱାରା ସାହାଯ୍ୟ ମିଳିବ ଓ ଲୋକମାନେ ହିଁ କାମରେ ଆସିବେ। ଉଚ୍ଚସମ୍ମାନ ଲାଭ, ମନରେ ଉତ୍ସାହ ଓ ମିଷ୍ଟାନ୍ନ ଭୋଜନ ପ୍ରାପ୍ତି ହେବ। ଉଚ୍ଚସ୍ତରୀୟ ଯାନବାହାନ କ୍ରୟ କରିବାର ସୁବିଧା ସୁଯୋଗ ପାଇବେ। ପାରିବାରିକ କ୍ଷେତ୍ରରେ ଅସନ୍ତୋଷ, କ୍ଷୋଭ ଓ ଅବଶୋଷ ଦୂରେଇ ଯାଇ ଶାନ୍ତି ବିରାଜମାନ କରିବ। ସନ୍ତାନଙ୍କର ଉନ୍ନତିରେ ଖୁସିହେବେ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା, ମାଲିମୋକଦ୍ଦମା ଓ ସାକ୍ଷାତ୍କାରରେ ସଫଳ ହେବେ। ଆକସ୍ମିକ ଧନପ୍ରାପ୍ତି ହୋଇ ଆୟବୃଦ୍ଧି ହେବ। ଶତ୍ରୁମାନେ ମଥାନତ କରିବେ। ସମସ୍ତ କାର୍ଯ୍ୟ ମନୋନୁକୂଳ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ତୁଳସୀମୂଳ ମାଟି ମୁଣ୍ଡରେ ଧାରଣ କରନ୍ତୁ।

**ସିଂହ** – କଳା ସାହିତ୍ୟ ଓ ଚଳଚ୍ଚିତ୍ର, ସଂଗୀତାଦି କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଶିକ୍ଷାକ୍ଷେତ୍ରରେ ମନୋବାଞ୍ଛିତ ସ୍ଥାନରେ ପଢ଼ିବାର ସୁଯୋଗ ପାଇବେ। ନୂତନ କର୍ମ ପ୍ରୟାସରତ ଯୁବକ ଯୁବତୀମାନେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ। ଅକସ୍ମାତ ଭୂମିଲାଭ ଯୋଗ ମଧ୍ୟ ଘଟିବ। ଦୂର ବନ୍ଧୁ ଖୁବ୍ ସାହାଯ୍ୟ କରିବେ। ଗୁରୁଜନ କେହି ସନ୍ତୁଷ୍ଟ ରହିବେ। ବ୍ୟବସାୟ କ୍ଷେତ୍ରରେ କଠିନ ପରିଶ୍ରମ କରି ବ୍ୟବସାୟକୁ ବଢ଼େଇ ପାରିବେ। ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ପ୍ରସଙ୍ଗରେ ମଧୁରତା ଆସିବ। ନିତ୍ୟକର୍ମ ପରିବର୍ତ୍ତନ ହେତୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ପାରିବାରିକ କ୍ଷେତ୍ରରେ ଗୋଟିଏ ପାଖରେ ସ୍ନେହ ଶ୍ରଦ୍ଧାର ସ୍ରୋତ ଛୁଟୁଥିଲାବେଳେ ଅନ୍ୟ ପାଖରେ ଉପେକ୍ଷା ଓ ଅଶାନ୍ତିର ନିଆଁ ଜୁଳୁଥିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଦହି ମିଠା ଖାଇ ଘରୁ ବାହାରନ୍ତୁ।

**କନ୍ୟା** – ବ୍ୟବସାୟରେ ନୂତନଧାରା ଖୋଲିଲେ ଅଚାନକ ଧନପ୍ରାପ୍ତି ହୋଇ ଆର୍ଥିକ ସଙ୍କଟ ଦୂରେଇ ଯିବ। ପ୍ରେମିକ ପ୍ରେମିକାମାନଙ୍କର ପ୍ରେମ ପ୍ରସଙ୍ଗରେ ଅଧିକ ଘନିଷ୍ଠତା ହେବ। ଅଧିନସ୍ଥ କର୍ମଚାରୀଙ୍କ ପ୍ରତି ସତର୍କ ରହିଲେ ସମସ୍ୟାର ସମାଧାନ କରିହେବ। କଳକାରଖାନା, କୋଇଲା, ରେଳବିଭାଗ, ଡାକ ଓ ତାରବିଭାଗ, ଟ୍ରାନ୍ସପୋର୍ଟ ବିଭାଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରିବା ଫଳରେ କର୍ମୋନ୍ନତି ହେବ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ,ଦଳ ସମର୍ଥନ ବୃଦ୍ଧି ପାଇବା ସହ ମୁଖ୍ୟନେତାଙ୍କର ପ୍ରିୟ ପାତ୍ର ହେବେ। ଠିକାଦାରୀ, ସଡ଼କ, ଗୃହ ନିର୍ମାଣ, ଗୃହୋପକରଣ, ଗୃହନିର୍ମାଣ ସାମଗ୍ରୀ ବ୍ୟବସାୟ, ପ୍ଲାଷ୍ଟିକ, ଚମଡ଼ା, ବସ୍ତ୍ର, ଫଳ, ତେଲ ଲୁହା, ମଟର ପାର୍ଟସ୍, କୋଇଲା, ପେଟ୍ରୋଲିୟମ ପଦାର୍ଥ, ଏଜେନ୍ସି ଆଦି ବ୍ୟବସାୟରେ ଲାଭବାନ ହେବେ। ମାନସିକଚାପ ବୃଦ୍ଧି ଓ ସ୍ୱାସ୍ଥ୍ୟରେ ଅବନ୍ନତୀ ଘଟିବ। **ପ୍ରତିକାର** – ପ୍ରତ୍ୟେକ ଦିନ ଗୋମାତାଙ୍କୁ କିଛି ଖାଇବାକୁ ଦିଅନ୍ତୁ।

**ତୁଳା** – କର୍ମ କ୍ଷେତ୍ରରେ ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ଦ୍ୱନ୍ଦ ମେଣ୍ଟିଯିବ ଓ ମାନସିକ ଏକାଗ୍ରତା ବଜାୟ ରହିବ। ବ୍ୟବସାୟୀକ ହିସାବପତ୍ର ସହ ଭଲଭାବରେ ଜଗାରଖା କରିବା ଦ୍ୱାରା ବିଶେଷ ଲାଭବାନ୍ ହେବେ। ବନ୍ଧୁ, ମିତ୍ର, ସହଯୋଗୀଙ୍କ ଯୋଗେ ମାନସିକ ଶାନ୍ତି ଓ ମନସ୍କାମନା ପୂର୍ଣ୍ଣ ହେବ। ଶତ୍ରୁମାନେ ମୁଣ୍ଡ ଟେକିବାକୁ ସାହସ କରିବେ ନାହିଁ। ଆକସ୍ମିକ ଭାବରେ କୌଣସି ଅବାଞ୍ଛିତ ସୂତ୍ରରୁ ମୋଟା ଅର୍ଥ ମିଳିଯିବ। ଆତ୍ମବିଶ୍ୱାସ ଦ୍ୱାରା ଅନ୍ୟ ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବେ। କୌଣସିଥିରେ ଅଭିମାନ ନଥାଇ ସନ୍ତାନମାନେ ସୁନାମ ଅର୍ଜନ କରିବେ। କୃଷିଜୀବିମାନେ ପନିପରିବା କ୍ଷେତରୁ ବେଶ୍ ଲାଭବାନ ହୋଇ ପାରିବେ। ରାଜକର୍ମଚାରୀ ମାନେ ଅନେକ ସୁବିଧା ସୁଯୋଗ ପାଇବେ। ଯୋଜନା ଫଳପ୍ରସୂ ହେବା ସହଜ ସରଳ ହୋଇଯିବା ଫଳରେ ଆନନ୍ଦିତ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ବିଛା** – କର୍ମକ୍ଷେତ୍ରରେ ଆଶା କରୁଥିବା ଘଟଣା ଘଟିବା ଫଳରେ ନୂଆ ଲକ୍ଷ୍ୟକୁ ନିର୍ଦ୍ଧାରିତ କରିପାରିବେ। ବ୍ୟାପାର ବାଣିଜ୍ୟ ଓ କାମକାର୍ଯ୍ୟର ସ୍ଥିତି ସନ୍ତୋଷ ଜନକ ହେବ। ପ୍ରପର୍ଟି ସମ୍ବନ୍ଧୀୟ ମାମଲା ସନ୍ଥଙ୍କ ମଧ୍ୟସ୍ଥତା ଦ୍ୱାରା ଦୂର ହେବ। ପୁରୁଣା ନିବେଶ ଲାଭ ହେବା ଫଳରେ ଆର୍ଥିକ ସ୍ଥିତିକୁ ସୁଧାରି ପାରିବେ। ବିଗିଡ଼ି ଯାଇଥିବା କାର୍ଯ୍ୟ ସୁଧୁରିଯିବା ଫଳରେ କାର୍ଯ୍ୟ କ୍ଷେତ୍ରରେ ଉତ୍ସାହିତ ହେବେ। କୌଣସି ରୋଚକ ବା ଜ୍ଞାନବର୍ଦ୍ଧକ ସାହିତ୍ୟ ପ୍ରତି ମନ ବଳାଇବେ। କୋର୍ଟ କଚେରୀ ମାମଲା ଓ ବାଦବିବାଦ ଆପଣଙ୍କ ସପକ୍ଷରେ ରହିବ। ନୂତନ ବସ୍ତୁ କ୍ରୟ କରିବେ। ପରିବାରରେ ସମ୍ବନ୍ଧରେ ପ୍ରଗାଢ଼ତା ଆସିବା ଫଳରେ ଶାନ୍ତି ମିଳିବ। ପ୍ରେମ ପ୍ରସଙ୍ଗରେ ସଫଳତା ମିଳିବ। ବାଦବିବାଦ, ପରୀକ୍ଷା ପ୍ରତିଯୋଗିତା ଓ ସାକ୍ଷାତ୍କାରରେ କୃତକାର୍ଯ୍ୟ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ଧନୁ** – ଧର୍ମ କାର୍ଯ୍ୟରେ ଲିପ୍ତ ରହି ପାରନ୍ତି। ଶିକ୍ଷାକ୍ଷେତ୍ରରେ ମାନସିକ ସ୍ଥିରତା ଦେଖାଦେବା ସହ ବିଜୟ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବା ସହ ମାନସିକ ଶାନ୍ତି ମିଳିବ ଓ ଋଣଭାର ଲାଘବ ହେବ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବା ଫଳରେ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ବ୍ୟବସାୟ ପାଇଁ ଭ୍ରମଣ କରିବା ଫଳରେ ବିଶେଷ ଲାଭାନ୍ୱିତ ହେବେ। ଭାବି ଚିନ୍ତି କାର୍ଯ୍ୟ ନ କଲେ ଠକାମିରେ ପଡ଼ିପାରନ୍ତି। ପ୍ରେମିକ ପ୍ରେମିକା ମାନଙ୍କର ପ୍ରେମ ପ୍ରସଙ୍ଗରେ ଆଶାଜନକ ଫଳପ୍ରାପ୍ତି ହେବ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ଅଧିକ ଘନିଷ୍ଠତା ହେବ। ଭୋଗ ବିଳାସଦ୍ରବ୍ୟ କ୍ରୟକରି ଆର୍ଥିକ ଶଙ୍କଟ ଭୋଗିବେ। ଅଭାବ ଅସୁବିଧା ଥାଇ ମଧ୍ୟ କୌଣସି କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଅସୁବିଧା ପରିସ୍ଥିତିକୁ ସାମାନ୍ୟ ଚେଷ୍ଟାରେ ସଜାଡ଼ି ଦେବେ। **ପ୍ରତିକାର** – ପ୍ରତ୍ୟେକ ଦିନ କୁଆ ପାରାଙ୍କୁ ଚାଉଳ ଖାଇବାକୁ ଦିଅନ୍ତୁ।

**ମକର** – କର୍ମକ୍ଷେତ୍ରରେ ସହକର୍ମୀ ଓ ଉପରିସ୍ଥ କର୍ମଚାରୀ ଠାରୁ ପ୍ରଶଂସିତ ହେବେ ଓ କର୍ମକ୍ଷେତ୍ରରେ ଅନେକ ଦିନର ଅଭିଳାଷ ପୂର୍ଣ୍ଣ ହେବ। ଶାରୀରିକ ଓ ମାନସିକ ସ୍ଥିରତା ଦେଖାଦେବ। ପ୍ରତିକୂଳ ପରିସ୍ଥିତି ଦୂରେଇଯିବ ଓ ନିଜ ଚେଷ୍ଟାରେ କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ କ୍ଷେତ୍ରରେ ଶାନ୍ତି ବିରାଜମାନ କରିବ ଓ ସନ୍ତାନ ସୁଖ ମିଳିବ। ବ୍ୟବସାୟୀମାନେ ନୂତନ ବାଣିଜ୍ୟର ପରିକଳ୍ପନା କରିବା ସହ ଅନେକ କାର୍ଯ୍ୟ ନିଜେ ସମାଧାନ କରିବାକୁ ସାହସ ବାନ୍ଧିବେ ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ପ୍ରଶଂସିତ ହେବେ। କୋର୍ଟ କଚେରୀ ଓ ମାଲିମୋକଦ୍ଦମାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଚେଷ୍ଟା କରିଲେ ସଫଳ ହେବେ। ରାଜନୀତିରେ ସାଧାରଣ ପରିଶ୍ରମ ଫଳରେ ଅଧିକ ଉନ୍ନତି ହେବ। ଜମିଜମା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ମାଆ ବାପା ଓ ଗୁରୁଙ୍କୁ ପ୍ରଣାମ କରନ୍ତୁ।

**କୁମ୍ଭ** – ଅଚାନକ ଭାବରେ କୌଣସି ସୁସମ୍ବାଦ ଶୁଣିବେ। ସନ୍ତାନ ସନ୍ତତିଙ୍କ ତରଫରୁ ଆଶାବାଦୀ ହେବେ। ପାରିବାରିକ ତିକ୍ତତାର ସମାପ୍ତି ହେବ। କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡିବ। ବ୍ୟବସାୟୀ ମାନଙ୍କର ଲାଭ ଅଧିକ ହେବା ଫଳରେ ମନ ଖୁସି ରହିବ। ରାଜନୀତିରେ ଫାଇଦା ଉଠାଇବାକୁ ଚେଷ୍ଟା କରିବେ। ବିଦ୍ୟା କ୍ଷେତ୍ରରେ ଯଶ ପ୍ରାପ୍ତି ହେବ ଓ ପଢ଼ାପଢ଼ିରେ ମାନସିକ ଶାନ୍ତି ମିଳିବ। ଧର୍ମାନୁଷ୍ଠାନରେ ସମୟ କଟେଇବା ପାଇଁ ମନ ବଳାଇବେ। ଅସହାୟ ମାନଙ୍କୁ ସାହାଯ୍ୟ କରିବା ଫଳରେ ଲୋକମାନଙ୍କ ନିକଟରେ ମାନସମ୍ମାନ ପ୍ରତିଷ୍ଠା ପ୍ରତିପତ୍ତି ବୃଦ୍ଧି ପାଇବ। ବିଗିଡ଼ିଯାଇଥିବା କାର୍ଯ୍ୟ ସୁଧୁରିଯିବ। ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଅନୁଭବ କରିବେ। ଅପେକ୍ଷା କରିଥିବା କାର୍ଯ୍ୟଟି ପୂରଣ କରିବା ପାଇଁ ସକ୍ଷମ ହେବେ। **ପ୍ରତିକାର** – ପ୍ରତ୍ୟେକ ଦିନ ବୁଲା କୁକୁରକୁ କିଛି ଖାଇବାକୁ ଦିଅନ୍ତୁ।

**ମୀନ** – ଅଟକିଥିବା ବା ଉଧାର ଦେଇଥିବା ଟଙ୍କା ମିଳିଯିବ। ସାଧୁ, ସତ୍ୟବାଦୀ, ଧର୍ମାତ୍ମା, ଗୁରୁବ୍ରାହ୍ମଣଙ୍କ ସହ ସମ୍ପର୍କ ସ୍ଥାପନ ହେବା ଫଳରେ ପ୍ରଶଂସିତ ହେବେ। ରାଜନୀତିରେ କୃତକାର୍ଯ୍ୟ ହେବା ସହ ଲୋକସମ୍ପର୍କ ଆତ୍ମସନ୍ତୋଷ ବଢ଼େଇବ। ରୋଜଗାର ସମସ୍ୟା ସୁଧୁରିଯିବ। ଧନ ଲାଭ ହେବାରୁ ମନ ଖୁସି ରହିବ। ଭାତୃ ବିବାଦ, ଜମି ବାଡି ଓ ଘର ଜାଗାନେଇ ଥିବା ଦ୍ୱନ୍ଦର ସମାଧାନ ହୋଇପାରେ। ସନ୍ତାନଙ୍କର ଉନ୍ନତିରେ ଖୁସି ହେବେ। ଅଳ୍ପ ପରିଶ୍ରମରେ ବହୁତ ଧନ ଲାଭ ହେବ। ଆର୍ଥିକ କ୍ଷେତ୍ରରେ ଉନ୍ନତି, ଶତ୍ରୁ ବୃଦ୍ଧି ହେଲେ ମଧ୍ୟ ଯେ କୌଣସି କାର୍ଯ୍ୟରେ ହାତ ଦେଲେ ସଫଳ ହେବେ। ମନରେଥିବା କାମନା ପୂର୍ଣ୍ଣ ହେବ। ଶରୀର ଭଲ ରହିବ। ନୂତନ ବନ୍ଧୁ ମିତ୍ରଙ୍କ ସହ ମିଳନ ହେବା ସହ ପ୍ରେମ ପ୍ରସଙ୍ଗରେ ସଫଳତା ମିଳିବ। ରୋଜଗାରରେ ଉନ୍ନତି ହେବ। **ପ୍ରତିକାର** – ପ୍ରତ୍ୟେକ ଦିନ ଅଶ୍ୱସ୍ଥ ବୃକ୍ଷମୂଳରେ ଗୁଡ଼ ଥୋଇ ପ୍ରଣାମ କରନ୍ତୁ।

ପଣ୍ଡିତ ପ୍ରମୋଦ ଶତପଥି